# ଅଲୋଡ଼ା ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲ

ମହାକାଳପଡ଼ା,୧୦।୬(ପ୍ରତାପ ଚନ୍ଦ୍ର ସ୍ୱାଇଁ)


ଅଲୋଡ଼ା ହୋଇ ପଡିଥିବା କେନାଲ ।

ଅଲୋଡ଼ା ହୋଇଛି ଜମ୍ବୁ-ମାର୍ଶାଘାଇର ମୁଖ୍ୟ କେନାଲ । ଯେଉଁ କେନାଲ ଦିନେ ନୌବାଣିଜ୍ୟର ମୁଖ୍ୟ ପଥ ଥିଲା ତାହା ଏବେ ବିଲୁଆଙ୍କ ଆଡ୍ଡାସ୍ଥଳ ପାଲଟିଛି । ବନାବନା ଗଛରେ ସେହି ପରିସର ପୁରି ଉଠିଛି । ନଅଙ୍କ ଦୁର୍ଭିକ୍ଷ ସମୟରେ ବ୍ରିଟିଶ ଶାସକମାନେ ଏହି କେନାଲ ଦେଇ ବିଦେଶରୁ ଖାଦ୍ୟଦ୍ରବ୍ୟ ଆଣି କଟକ ଯୋବ୍ରାରେ ପହଞ୍ଚାଉଥିଲେ । ସେଠାରେ ଥିବା ଗୋଦାମରେ ଖାଦ୍ୟ ସାମଗ୍ରୀ ଗଚ୍ଛିତ କରି ରଖାଯିବା ସହିତ ଓଡ଼ିଶାର କୋଣ ଅନୁକୋଣରେ ପହଞ୍ଚା ଯାଉଥିଲା। ଏହି କେନାଲ ରାଜ୍ୟର ବ୍ୟବସାୟର ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଫଳରେ ରାଜ୍ୟର ଅର୍ଥନୀତି ଓ ବାଣିଜ୍ୟ ଶକ୍ତିଶାଳୀ ହୋଇଥିଲା ବୋଲି ପୁରୁଖା ବ୍ୟବସାୟୀମାନେ କହିଛନ୍ତି। ହେଲେ ଆଜି ସେହି କେନାଲ ଆମମାନଙ୍କ ପାଇଁ ଅଲୋଡ଼ା କାହିଁକି ବୋଲି କୃଷକ ନେତା ଅଙ୍କୁର ପଲାଇ ପ୍ରଶ୍ନ କରିଛନ୍ତି।

କେନ୍ଦ୍ରାପଡ଼ା ଜିଲାର ସର୍ବପୁରାତନ ବ୍ରିଟିଶ ନିର୍ମିତ ଏହି କେନାଲ କଟକ ମହାନଦୀରୁ ଆରମ୍ଭ ହୋଇ ବଙ୍ଗୋପସାଗର ସଂଲଗ୍ନ ଜମ୍ବୁ ନିକଟ ଗୋବରୀ ନଦୀରେ ଶେଷ ହୋଇଥିଲା । ଉକ୍ତ କେନାଲ ନିର୍ମାଣ ସମୟରେ କେତେଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା ବୋଲି ପୁରୁଖା ଲୋକମାନେ କହିଛନ୍ତି । ଦିନ ଥିଲା ବିଦେଶରୁ ସମୁଦ୍ର ପଥ ଦେଇ ଆସୁଥିବା ସାମଗ୍ରୀ ଏହି କେନାଲ ପଥରେ କଟକ ଅଣାଯାଉଥିଲା। ଗ୍ରାମାଞ୍ଚଳ ବ୍ୟବସାୟୀମାନେ କଟକ ମାଲଗୋଦାମରୁ ତେଜରାତି ସାମଗ୍ରୀ, ଚୌଦ୍ୱାରରୁ ବାଉଁଶ, ମଣ୍ଡାପଡ଼ାରୁ ବଉଳା ଓ ମାଙ୍କଡ଼ା ପଥର , ମହାନଦୀ ମିଠା ବାଲି ସମେତ ବିଭିନ୍ନ ଗୃହ ନିର୍ମାଣ ସାମଗ୍ରୀକୁ ବଡ ବଡ଼ କାଠ ଡଙ୍ଗାରେ କେନାଲ ପଥରେ ଆଣୁଥିଲେ । ଏବେ ସେହି କେନାଲ ତାର ସତ୍ତା ହରାଇଛି। ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଏହି କେନାଲ ଏବେ ଅନାବନା ଗଛରେ ପରିଣତ ହୋଇଛି । ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ଅଧୀନରେ ଥିବା ଏହି କେନାଲରେ ଗଣ୍ଡ ସୃଷ୍ଟି ହୋଇଛି । ସେଠାରେ ବିଲୁଆ ବସା ବାନ୍ଧି ରହୁଥିବା ଦେଖିବାକୁ ମିଳିଛି। ବହୁ

- ଦିନେ ନୌବାଣିଜ୍ୟର ମୂକ ସାକ୍ଷୀ ଥିଲା
- ଏବେ ଗଛଲତାରେ ହଜିଛି ସେଦିନର ଚିତ୍ର
- କେନାଲ ପରିସର ବିଲୁଆଙ୍କ ଆଡ୍ଡାସ୍ଥଳୀ

ବର୍ଷ ତଳେ ମହାନଦୀର ବନ୍ୟା ସ୍ରୋତରେ କେନାଲ ବନ୍ଧ ଭାଙ୍ଗି ମହାକାଳପଡ଼ା, କିୟାରବାଙ୍କ, ପରେଶ୍ୱରପୁର, ଟାଙ୍କିବେଲାରି ଓ ଅରୁଣନଗରରେ ଗଣ୍ଡ ସୃଷ୍ଟି ହୋଇଛି। ଅଦ୍ୟାବଧି ଜଳସମ୍ପଦ ବିଭାଗ ପକ୍ଷରୁ କୌଣସି ଦୀର୍ଘସ୍ଥାୟୀ ଯୋଜନା ପ୍ରସ୍ତୁତ ହୋଇନାହିଁ । ବର୍ଷକୁ ଥରେ ଦୁଇ ଥର ଚାଷୀମାନଙ୍କ ପାଇଁ ଜମିକୁ ଜଳ ଯୋଗାଣ କରୁଥିଲେ ମଧ ଅଳ୍ପ ପରିବାର ପାଣି ଚାଷ ଜମିକୁ ଯାଉଥିବା ବେଳେ ବଳକା ପାଣି ଗୋବରୀ ନଦୀରେ ମିଶୁଛି । ମାର୍ଶାଘାଇଠାରୁ ଜମ୍ବୁ ପର୍ଯ୍ୟନ୍ତ ୨୪ କିମି ଦୂର ଏହି କେନାଲରେ କଟକୀ ଦଳ ଭରି ରହିଛି। କେନାଲ ଉଭୟ ପାର୍ଶ୍ୱ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ତେବେ ଜଳ ଯୋଗାଣ ସ୍ରୋତ ହ୍ରାସ ପାଇବା ସହ ଚାଷ ଜମିର ଶେଷ ମୁଣ୍ଡରେ ପହଞ୍ଚି ପାରୁନି ବୋଲି ସ୍ଥାନୀୟ ଚାଷୀମାନେ କହିଛନ୍ତି।

ଚାଷୀମାନଙ୍କଠାରୁ ଜଳ କର( ରାଜସ୍ୱ) ଆଦାୟ କରି ବିଭାଗ ଚୁପ ହୋଇ ବସିଛି। ରାଜ୍ୟ ସରକାର ଏହି ଅଞ୍ଚଳରେ ଦେଶର ବୃହତ୍ ଶିଳ୍ପ କାରଖାନା ପ୍ରତିଷ୍ଠା ପାଇଁ ଅଣ୍ଟା ଭିଡ଼ିଥିବା ବେଳେ ଏହି କେନାଲ ପ୍ରତି ଯତ୍ନବାନ ହେବା ଆବଶ୍ୟକ ବୋଲି ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ସ୍ୱାଇଁ କହିଛନ୍ତି। ବରିଷ୍ଠ ଚାଷୀ ସଦାଶିବ ରାଉତ କରିଛନ୍ତି, ଏହି କେନାଲ ଦିନେ ଆମ ଅଞ୍ଚଳର ଲୋକଙ୍କୁ ରୋଜଗାର ଯୋଗାଉଥିଲା। ଆଜି କେନାଲ ସମସ୍ୟା ବୁଝିବା ପାଇଁ କାହାର ପାଖରେ ସମୟ ନାହିଁ । ଏହି କେନାଲ ପୁନରୁଦ୍ଧାର ନ ହେଲେ ଆଗାମୀ ଦିନରେ ଚାଷୀମାନେ ଆନ୍ଦୋଳନ କରିବାକୁ ପଛାଇବେ ନାହିଁ । ସାମାଜିକ କର୍ମୀ ବିରଞ୍ଚି ନାରାୟଣ ଦାସ କହିଛନ୍ତି, କେନାଲ ନିର୍ମାଣ ପାଇଁ ମେଗା ପ୍ରୋଜେକ୍ଟର ଆବଶ୍ୟକତା ରହିଛି। ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ଦରକାର । ବୁଦ୍ଧିଜୀବୀ ସୁବାସ ସ୍ୱାଇଁ କହିଛନ୍ତି, ଯେଉଁ କେନାଲ ଦିନେ ଓଡ଼ିଆମାନଙ୍କ ନୌବାଣିଜ୍ୟର କୀର୍ତ୍ତି ବହନ କରୁଥିଲା ତାହା ଆଜି ଗୁଳ୍ମ ଜାତୀୟ ଜଙ୍ଗଲର ଭ୍ରମ ସୃଷ୍ଟି କରିଛି। ଯେଉଁଠି ଜାହାଜ ଲାଗୁଥିଲା ସେହି ସ୍ଥାନରେ ଛୋଟ ଡିଙ୍ଗିଟିଏ ପହଞ୍ଚିବା କଷ୍ଟକର ହେଉଛି। ଏହାର ପୁନରୁଦ୍ଧାର କରାଗଲେ ଶତାଧିକ ହେକ୍ଟର ଚାଷ ଜମିକୁ ଜଳସେଚନର ସୁବିଧା ହୋଇ ପାରିବ ।

ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ କହିଛନ୍ତି,ଉକ୍ତ କେନାଲ ପୁନରୁଦ୍ଧାର ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ପ୍ରଦାନ କରାଯିବ ।

# ଶୀତଳଷଷ୍ଠୀରେ ଶିବପାର୍ବତୀ ବିବାହ


ସିଦ୍ଧ ହରିହର ମନ୍ଦିରରେ ଶିବପାର୍ବତୀଙ୍କ ବିବାହ ଉତ୍ସବ ପାଳନ କରାଯାଉଛି।

ରଘୁନାଥପୁର,୧୦।୬(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଅଞ୍ଚଳର ବିଭିନ୍ନ ଶୈବ ମନ୍ଦିରରେ ଶିବପାର୍ବତୀ ବିବାହ ଅନୁଷ୍ଠିତ ହୋଇଯାଇଛି। କୋରକୋରା ରୁଦ୍ରେଶ୍ୱର ମହାଦେବ ମନ୍ଦିରରେ ଶିବପାର୍ବତୀ ବିବାହ ମହାଡ଼ମ୍ବରରେ ପାଳିତ ହୋଇଯାଇଛି। ସୁମିତ କୁମାର ମଣ୍ଡଳ, ମୋନାଲିସା ନାୟକ, ପ୍ରଶାନ୍ତ କୁମାର ମହାପାତ୍ର, ସୁଷମା ମହାପାତ୍ର ବର ଓ କନ୍ୟା ତରଫରୁ କର୍ତ୍ତାକର୍ତ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ଗୋଠିଣାସ୍ଥିତ ଶ୍ରୀଶ୍ରୀ ହରିହର ସିଦ୍ଧ ରଘୁନାଥ ମନ୍ଦିରରେ ନୃସିଂହ ଚରଣ ସ୍ୱାଇଁ, ରଞ୍ଜୁଲତା ସ୍ୱାଇଁ, ରାଜକିଶୋର ପ୍ରଧାନ ଓ ମୀରା ପ୍ରଧାନ ଏବଂ ବରାଗୋଳ ଈଶାଣେଶ୍ୱର ମନ୍ଦିରରେ ବିଜୟ ସ୍ୱାଇଁ ଓ କଲ୍ୟାଣୀ ସ୍ୱାଇଁ ଏବଂ ରାମଚନ୍ଦ୍ର ଜେନା ଓ ସସ୍ମିତା ଜେନା ବରପିତା ଓ କନ୍ୟାପିତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ସେହିପରି ତରିକୁନ୍ଦ ଉତ୍ତରେଶ୍ୱର ମନ୍ଦିର ଓ ସାଦେଇପୁର ଭଦ୍ରେଶ୍ୱର ମନ୍ଦିରରେ ଅନୁରୂପ ଭାବେ ଜାକଜମକରେ ଶିବପାର୍ବତୀ ବିବାହ ଅନୁଷ୍ଠିତ ହୋଇଯାଇଛି।

# ତମାଖୁ ସେବନ ବର୍ଜନ କରି ସୁସ୍ଥ ରୁହ


ଅଧିକାରୀମାନେ ତମାଖୁ ବର୍ଜନ କରିବା ପାଇଁ ସଚେତନ କରୁଛନ୍ତି।

ଜଗତ୍‌ସିଂହପୁର,୧୦।୬ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟର ନୂତନ ବର୍ହିବିଭାଗ ସଭାଗୃହରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ଏନେଇ ଆୟୋଜିତ ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶତ୍ରୁଘ୍ନ ଦାଶ ଅଧ୍ୟକ୍ଷତା କରିଥିଲେ। ପ୍ରତିବର୍ଷ ମେ' ୩୧ ତାରିଖରେ ଏହି ଦିବସ ପାଳନ କରାଯାଏ। ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ଜୁନ ୬ରୁ ୨୧ତାରିଖ ପର୍ଯ୍ୟନ୍ତ କରିବା ପାଇଁ ଯୋଜନା କରାଯାଇଛି। ଏନେଇ ଆୟୋଜିତ ସଭାରେ ଡାକ୍ତର ଦାସ ବିଶ୍ୱ ତମାଖୁ ବର୍ଜନ ଦିବସର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ତମାଖୁ ସେବନ ହିଁ ଅଧିକାଂଶ ସମୟରେ କର୍କଟ ରୋଗର ମୁଖ୍ୟ କାରଣ ହୋଇଥାଏ। ଏହାକୁ ବର୍ଜନ କରି ସୁସ୍ଥ ଓ ନିରୋଗ ରହିବାକୁ ସେ ପରାମର୍ଶ ଦେଇଥିଲେ। ଡାକ୍ତର ସ୍ମୃତିରଞ୍ଜନ ପଣ୍ଡା ଏଥିରେ ଯୋଗଦେଇ ତମାଖୁ କ'ଣ, ଏହା କେଉଁ ଗଛରୁ ମିଳେ ଓ ଏଥିରେ ଥିବା ନିକୋଟିନ କିଭଳି ମାରାତ୍ମକ ରୋଗ ସୃଷ୍ଟି ହୁଏ ସେସମ୍ପର୍କରେ ବିସ୍ତୃତ ବିବରଣୀ ଦେଇଥିଲେ। ଏହି ଅବସରରେ ତମ୍ବାଖୁ ବର୍ଜନ କରିବା ଉପରେ ଶପଥ ପାଠ କରାଯିବା ସହ କମ୍ୟୁନିଟି ହେଲଥ ଅଫିସରଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତିତ୍ୱ ହାସଲ କରଥିବା ଅଧିକାରୀମାନଙ୍କୁ ଡାକ୍ତର ଦାଶ ପୁରସ୍କୃତ କରିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରିଣୀ ସଚଳା ମହାନ୍ତି ସଭା ପରିଚାଳନା କରିଥିଲେ। ଆସିଷ୍ଟାଣ୍ଟ ମ୍ୟାନେଜେର ଅନିତାରାଣୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲାସ୍ତରରୁ ଫୁଡ ଅଫିସର, ଜିଲାର ସମସ୍ତ କମ୍ୟୁନିଟି ହେଲ୍‌ଥ ଅଫିସର, ପିଏଚଇଓଙ୍କ ସମେତ ମହିମା ସ୍କୁଲ ଅଫ ନର୍ସିଂର ଛାତ୍ରୀଛାତ୍ର, ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀମାନେ ଉପସ୍ଥିତ ଥିଲେ।

# ସମସ୍ତଙ୍କ ସହଯୋଗ କାମନା କଲେ ଅରବିନ୍ଦ

ଡେରାବିଶ,୧୦।୬(ବେବର୍ତ୍ତା ଅଜୟ ଦାସ)

ନବ ନିର୍ବାଚିତ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ସୋମବାର ସନ୍ଧ୍ୟାରେ ପ୍ରଥମ ଡେରାବିଶ ବ୍ଲକ୍ ଅଞ୍ଚଳ ଗସ୍ତ କରି ଶ୍ରୀ ଦଧିବାମନଜୀଉଙ୍କୁ ଦର୍ଶନ କରିବା ପରେ ମନ୍ଦିର ସମ୍ମୁଖରେ ସ୍ୱାଗତ ସମାବେଶରେ ଯୋଗ ଦେଇଥିଲେ । ବରିଷ୍ଠ ବିଜେଡି ନେତା ସଚ୍ଚିଦାନନ୍ଦ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଅରବିନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିକଶିତ ପାଟକୁରା ଗଠନ ପାଇଁ ସେ ନେଇ ଥିବା ସଂକଳ୍ପକୁ ପୂରଣ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ନଦୀନାଳ ଘେରା ବନ୍ୟାପ୍ଲାବିତ ଓ ପ୍ରାକୃତିକ ଦୁର୍ବିପାକରେ କ୍ଷତି ସହୁଥିବା ପାଟକୁରା ନିର୍ବାଚନମଣ୍ଡଳୀର ସମସ୍ତ ପଞ୍ଚାୟତକୁ ସେ ନିଜେ ଯାଇ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିବି ବୋଲି କହିଥିଲେ । ଆସନ୍ତା ଜୁଲାଇ ୧ରୁ ଏହି ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିବ ବୋଲି ସେ କହିଥିଲେ।

ପୂର୍ବତନ ସରପଞ୍ଚ ବିପିନ ବିହାରୀ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମାବେଶରେ ବରିଷ୍ଠ ବିଜେଡି ନେତା ହଳଧର ଦାଶ, ବଟକୃଷ୍ଣ ସାମଲ, ଜିଲା ବିଜେଡି ସମ୍ପାଦକ ମହେନ୍ଦ୍ର କୁମାର ସିଂ, ସୁକାନ୍ତ ଦ୍ୱିବେଦୀ, ସରୋଜକାନ୍ତ ନାୟକ, ମନୋରଞ୍ଜନ ଉପାଧ୍ୟାୟ, ତ୍ରିଲୋଚନ ରାଉତ, ରବିନ୍ଦ୍ର କୁମାର ଜେନା, ଅଶ୍ୱିନୀ ମହାନ୍ତି, ଯୋଗାନନ୍ଦ ମହାନ୍ତି, ପ୍ରଶନ୍ନ କୁମାର ସାହୁ, ଭବାନୀ ପ୍ରସାଦ ଓଝା, ଗୋଲରାହାଟ ସରପଞ୍ଚ କାଶୀନାଥ କାଣ୍ଡି ପ୍ରମୁଖ ବିଧାୟକଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ବ୍ଲକ ଅଧିନସ୍ଥ ୨୬ ପଞ୍ଚାୟତ, ବିଭିନ୍ନ ଅନୁଷ୍ଠାନ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ପକ୍ଷରୁ ଅରବିନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଗୋଲରାହାଟସ୍ଥିତ ସୟଦ ଜମାଲସାହା ପୀରବାବାଙ୍କ ପୀଠସ୍ଥଳୀକୁ ଅରବିନ୍ଦ ଯାଇ ଆଶୀର୍ବାଦ ଭିକ୍ଷା କରିଥିଲେ । ଏହି ଅବସରରେ ଗୋଲରାହାଟ, ବାଲିଆ, ଛଚିଣା, ମନ୍ତ୍ରୀପଡା ଓ ଓଲଡ଼ି ମୁସଲମାନ ବସ୍ତିର ମୁରବୀମାନେ ଅରବିନ୍ଦଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାହାଜାନ୍ ଖାଁ, ସୋଲେମାନ ଖାଁ, ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପର କର୍ମକର୍ତ୍ତା ଅରବିନ୍ଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସନ୍ଧ୍ୟାରେ ୫୩ ନଂ. ଜାତୀୟ ରାଜପଥ ଛତାଛକଠାରୁ ଏକ ବାଇକ୍ ଶୋଭାଯାତ୍ରାରେ ଦଧିବାବନ ମନ୍ଦିର ନିକଟକୁ ତାଙ୍କୁ ପାଛୋଟି ଅଣାଯାଇଥିଲା । ଆଜିର ଏହି ସଭାରେ ବ୍ଲକ ଅଧୀନ ସମସ୍ତ ପଞ୍ଚାୟତର ଶତାଧିକ ମହିଳା, ଯୁବକ, ଛାତ୍ରମାନେ ଯୋଗ ଦେଇଥିଲେ ।


ସମାବେଶରେ ଯୋଗଦେଇଥିବା ନବ ନିର୍ବାଚିତ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର।

# ଗାଁ ପୋଖରୀରୁ ଦଳ ସଫା କଲେ ଯୁବକ ସଂଘ



ଏରସମା,୧୦।୬ (ଦୀପ୍ତି ଖଣ୍ଡୁଆଲ)

ଏରସମା ବ୍ଲକ ଅନ୍ତର୍ଗତ ସିହା ଗ୍ରାମର ଠାକୁର ପୋଖରୀରୁ ସ୍ୱାମୀ ବିବେକାନନ୍ଦ ସ୍ମାରକୀ ଯୁବକ ସଂଘର କର୍ମକର୍ତ୍ତା ଦଳ ସଫା କରିଛନ୍ତି। ଗ୍ରାମବାସୀଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ପୂର୍ବରୁ ଏହି ଠାକୁର ପୋଖରୀରେ ଗ୍ରାମବାସୀ ଗାଧୋଉ ଥିଲେ। ପୋଖରୀକୁ ପ୍ରବେଶ କରିବାପାଇଁ ଘାଟ ଓ ପାହାଚ କରାଯାଇଛି। ଗାଧୁଆ ଘର ମଧ ନିର୍ମାଣ କରଯାଇଛି। ମାତ୍ର ପରିତାପର ବିଷୟ, ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଉତ୍ତରେଶ୍ୱରୀଙ୍କ ଚନ୍ଦନ ପୋଖରୀ ଭାବେ ପରିଚିତ ଏହି ଠାକୁର ପୋଖରୀ ଦୀର୍ଘବର୍ଷ ହେବ ପରିତ୍ୟକ୍ତ ଅବସ୍ଥାରେ ଥିଲା। ସେଠାରେ ଦଳ ପଚି ଦୁର୍ଗନ୍ଧ ହେଉଥିଲା। ମଶା ଓ ସରୀସୃପଙ୍କର ଆଶ୍ରୟସ୍ଥଳ ପାଲଟି ଯାଇଥିଲା। ଯୁବ ସଙ୍ଗଠନର ସମ୍ପାଦକ ସୁଶାନ୍ତ କୁମାର ସ୍ୱାଇଁ, ମହିମା ସ୍ୱାଇଁ, ବଳିଆ ସ୍ୱାଇଁ, ପବିତ୍ର କୁମାର ସ୍ୱାଇଁ, ସୁରେଶ ରାଉତ, ମଙ୍ଗୁ ସାହୁ, ନୀଳମଣି ପରିଡ଼ା, ପୁତୁଲୁ ଦାସ ପ୍ରମୁଖ ସେହି ପୋଖରୀରୁ ଦଳ ସଫା କରିଛନ୍ତି।

# ଯୁଗ୍ମ ଜନଶୁଣାଣିରେ ୧୯ ଅଭିଯୋଗ

ଜଗତ୍‌ସିଂହପୁର, ୧୦।୬ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ବିରିଡି ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଅନୁପମ ଶାହା ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଅବସରରେ ମୋଟ ୧୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୧୮, ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୧ଟି ଅଭିଯୋଗ ହୋଇଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ରାଶନ କାର୍ଡ ସମସ୍ୟା ସମ୍ପର୍କିତ ୧, ଆବାସ ଯୋଜନା ୪, ଜମିଜମା ସମସ୍ୟା ୨, ଭତ୍ତା ୧, ପୋଲିସ ସହାୟତା ପାଇଁ ୩ ଏବଂ ଅନ୍ୟାନ୍ୟ ୩ଟି ଅଭିଯୋଗର ଶୁଣାଣି ହୋଇଥିଲା। ୪ଟି ଅଭିଯୋଗର ତତ୍କାଳ ଫଇସଲା ହୋଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଏସ୍‌ପି ରାହୁଲ ପି.ଆର୍., ଉପଜିଲାପାଳ ପ୍ରଦୀପ କୁମାର ସାହୁ, ବ୍ଲକ ଅଧ୍ୟକ୍ଷା ମମତା ପାତ୍ର, ବିଡିଓ ବିଜୟ କୁମାର ବେହେରା, ତହସିଲଦାର ସଞ୍ଜୟ କୁମାର ବେହେରାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବ୍ରାଉନସୁଗାର ଜବତ, ୨ ଗିରଫ

ଭୁବନେଶ୍ୱର,୧୦।୬ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଆନନ୍ଦ ବିହାର ଛକ କମ୍ପିଜାଣ୍ଟ ଓମଫେ ନିକଟରେ ବ୍ରାଉନସୁଗାର ବେପାର କରୁଥିବାବେଳେ ଶହୀଦନଗର ଥାନା ପୋଲିସ ଦୁଇ ନିଶା ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ୟୁନିଟ-୯ ଅଞ୍ଚଳର ଆରିୟାନ ନାୟକ ଓ ଶହୀଦନଗର ଥାନା ଭୋଇନଗର ବସ୍ତିର ଚନ୍ଦନ ନାୟକ। ସେମାନଙ୍କଠାରୁ ପୋଲିସ ୮ ଗ୍ରାମ ବ୍ରାଉନସୁଗାର, ନଗଦ ୮୦୦ ଟଙ୍କା ଓ ୨ଟି ମୋବାଇଲ ଜବତ କରିଛି। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

# ବୋକାରୋ ଟିମ୍ ଦଳଗତ ଚାମ୍ପିୟନ

## ବନ୍ଧୁତ୍ୱପୂର୍ଣ୍ଣ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ

ପାରାଦୀପ,୧୦।୬(ଶରତ ରାଉତ)

ପାରାଦୀପର ମଧୁବନ ଅଫିସର୍ସ କ୍ଲବ ପରିସରରେ ସୋମବାର ବନ୍ଧୁତ୍ୱପୂର୍ଣ୍ଣ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ବୋକାରୋ ଟିମ୍ ଦଳଗତ ଚାମ୍ପିୟନ ହୋଇଛି। ପାରାଦୀପ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୩୪ ଜଣ ଖେଳାଳି ୪ଟି ଗ୍ରୁପ୍‌ରେ ଖେଳିଥିଲେ। ସିଙ୍ଗଲ ଓପନ, ଭେଟେରାନ ସିଙ୍ଗଲ, ଡବଲ ଓପନ, ଭେଟେରାନ ଡବଲ ଓପନ ଖେଳ ହୋଇଥିଲା। ଏଥିରେ ବୋକାରୋ ଷ୍ଟିଲ ପ୍ଲାଣ୍ଟର ୩ଟି ଟିମ୍, ରାଉରକେଲା ଷ୍ଟିଲ ପ୍ଲାଣ୍ଟର ୨ ଟିମ୍, ସେଲ (ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ)ର ଗୋଟିଏ ଟିମ୍ ଓ ପାରାଦୀପ ବନ୍ଦରର ୧୧ ଟିମ୍ ସାମିଲ ହୋଇଥିଲେ। ଖେଳ ଶେଷରେ ଅତିଥି ଭାବେ ସେଲର ନିର୍ବାହୀ ନିର୍ଦ୍ଦେଶକ (ଇଡି) ସୁବାସ କୁମାର ଦାସ ଓ ବନ୍ଦର ଟ୍ରାଫିକ ବିଭାଗର ପରାମର୍ଶଦାତା ଏ.କେ. ବୋଷ ଯୋଗ ଦେଇ ବିଜେତା ଟିମ୍ ଓ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।


ଅତିଥିଙ୍କ ଗହଣରେ ପୁରସ୍କୃତ ଖେଳାଳିମାନେ।

# ଜଳସମ୍ପଦ ବିଭାଗ ନଜର ଆଢୁଆଳରେ ବାବୁହତା

କେନ୍ଦ୍ରାପଡ଼ା,୧୦।୬(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହର ରଣପଡ଼ାଠାରେ ଥିବା ଜଳ ସମ୍ପଦ ବିଭାଗର ପୁରୁଣା ଆବାସିକ କାର୍ଯ୍ୟାଳୟ ବାବୁହତା ଏବେ ଅପରାଧୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି । କେନ୍ଦ୍ରାପଡ଼ା ହାଇସ୍କୁଲ ପଡ଼ିଆ ନିକଟରେ ଥିବା ପ୍ରାୟ ୧୩ ଗୁଣ୍ଠ ପରିମିତ ସରକାରୀ ଜମି ଅପରାଧୀଙ୍କ ସୁରକ୍ଷିତ ସ୍ଥାନରେ ପରିଣତ ହୋଇଛି । ଏହି ଜମି ଉପରେ ଥିବା ପୁରୁଣା ଆବାସିକ କାର୍ଯ୍ୟାଳୟର ଘର ଓ ଏହାର ଛାତ, କବାଟ, ଝରକା ଏପରି କି କାନ୍ଥ ଏବଂ ମୂଳଦୁଆକୁ ଲୋକମାନେ ତାଡି ନେଇଯାଇ ଥିବାରୁ ପୂର୍ବ ଅଟ୍ଟାଳିକାର କୌଣସି ଚିହ୍ନବର୍ଣ୍ଣ ନାହିଁ।

କୃଷି ବହୁଳ କେନ୍ଦ୍ରାପଡ଼ା ଜିଲାରେ ଜଳ ସମ୍ପଦ କାର୍ଯ୍ୟାଳୟ କରିବା ପାଇଁ ୧୯୬୪ରେ କଟକ ଜଳ ସେଚନ ଡିଭିଜନ ଅଧୀନରେ ଏହି କାର୍ଯ୍ୟାଳୟ ଆରମ୍ଭ ହୋଇଥିଲା । ୧୯୬୮ରୁ ଜଳ ସମ୍ପଦ ବିଭାଗ କଟକ ଡିଭିଜନ ଅଧୀନରେ ଓ ୧୯୭୦ରୁ ମହାନଦୀ କେନ୍ଦ୍ରୀୟ ଡିଭିଜନ ଅଧୀନରେ ଏହି ବିଲଡିଂ ପ୍ରମୁଖ କାର୍ଯ୍ୟାଳୟ ଭାବେ ବ୍ୟବହାର କରାଯାଉଥିଲା । ଏହା ଏକ ଆବାସିକ କାର୍ଯ୍ୟାଳୟ ଓ ଏଠାରେ ଜଳ ସମ୍ପଦ ବିଭାଗର ଏସ୍‌ଡିଓ ଅବସ୍ଥାନ କରୁଥିବାରୁ ଏହାକୁ ସ୍ଥାନୀୟ ଅଞ୍ଚଳରେ ବାବୁହତା ବୋଲି କୁହାଯାଉଥିଲା । ୧୯୭୫ରେ କେନ୍ଦ୍ରାପଡ଼ାକୁ ଜଳସେଚନ ଡିଭିଜନର ମାନ୍ୟତା ଦିଆଯିବା ପରେ ୨୦୦୮ ପର୍ଯ୍ୟନ୍ତ ବାବୁହତା ଜଳ ସମ୍ପଦ କୋଠିରେ କେନ୍ଦ୍ରାପଡ଼ା ସବ୍‌ଡିଭିଜନର ଏସ୍‌ଡିଓଙ୍କ ଆବାସିକ କାର୍ଯ୍ୟାଳୟରେ ପରିଣତ କରାଯିବା ସହ ନିୟମିତ ଭାବେ ଅଧିକାରୀମାନେ ରହି ଆସୁଥିଲେ । ତତ୍କାଳୀନ ଏସ୍‌ଡିଓ ଇଂ.ଯୁଗଳ କିଶୋର ତ୍ରିପାଠୀଙ୍କ ପର୍ଯ୍ୟନ୍ତ ଏହା ଏକ ପ୍ରମୁଖ ସରକାରୀ କୋଠିରେ କାର୍ଯ୍ୟକରି ଆସୁଥିଲା। ତାଙ୍କ ବଦଳି ପରେ ଇଂ.ପ୍ରଶାନ୍ତ ଦାସ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ଦୁଇ ସବ୍‌ଡିଭିଜନର ଦାୟିତ୍ୱରେ ରହିବା ପରେ ରଣପଡ଼ାର ଏହି ବାବୁହତା ଆବାସିକ କାର୍ଯ୍ୟାଳୟ ପଟ୍ଟାମୁଣ୍ଡାଇ ଉଠି ଯାଇଥିଲା। ଫଳରେ ଏହି ବିରାଟ କୋଠି ଦୀର୍ଘଦିନ ଧରି ପରିତ୍ୟକ୍ତ ଭାବେ ପଡି ରହିଲା । ଏହାର ସୁଯୋଗ ନେଇ ଅସାମାଜିକ ବ୍ୟକ୍ତିମାନେ କୋଠିକୁ ଭଙ୍ଗାରୁଜା କରି ମୂଲ୍ୟବାନ କାଠ, ଲୁହାକଡି, କବାଟ, ଝରକା, ଟେବୁଲ, ଥାକ, ଫ୍ୟାନ, ଆଲମିରା ଆଦି ଚୋରାଇ ନେଇଗଲେ। ଏହା ସହ ଏହାର ଚତୁଃପାର୍ଶ୍ୱରେ ଥିବା ପାଚେରୀ ଓ ଘରର କାନ୍ଥ, ଛାତ ଆଦିକୁ ଭଙ୍ଗାରୁଜା କରି ବୋହି ନେଇଗଲେ । ଅଳ୍ପ କେତେଦିନ ମଧ୍ୟରେ ଇଂରେଜଙ୍କ ସମୟରୁ ତିଆରି ହୋଇଥିବା ଏହି କୋଠାଟିକୁ ଏହାର ମୂଳଦୁଆ ସହିତ ତାଡି ନେଇଯିବା ଫଳରେ ବର୍ତ୍ତମାନ ଏହି ବିଲ୍‌ଡିଂର କୌଣସି ଚିହ୍ନବର୍ଣ୍ଣ ନାହିଁ। ଏପରି କି ଏହାର ମୁଖ୍ୟ ଫାଟକରେ ଲାଗିଥିବା ଲୁହା ଗ୍ରୀଲକୁ ଛାଡିଦେଲେ ଏହି


କେନ୍ଦ୍ରାପଡ଼ା ସହର ରଣପଡ଼ାଠାରେ ଥିବା ଜଳ ସମ୍ପଦ ବିଭାଗର ପୁରୁଣା ଆବାସିକ କାର୍ଯ୍ୟାଳୟ ବାବୁହତା।

- ଘର ନାହିଁ, କୋଟିଏ ଟଙ୍କାର ସମ୍ପତ୍ତି ଏବେ ଚାରଣ ଭୂଇଁ
- ରାତି ହେଲେ ବଢୁଛି ଅସାମାଜିକ କାର୍ଯ୍ୟ

ସୁସଜ୍ଜିତ ଅଫିସରମାନଙ୍କ ବାସଗୃହଟିର କୌଣସି ଚିହ୍ନବର୍ଣ୍ଣ ନାହିଁ । ଅନେକ କୋଟି ଟଙ୍କାର ଏହି ମୂଲ୍ୟବାନ ସରକାରୀ ଜମିର ଉପଯୋଗ କରାଯାଉ ନ ଥିବାରୁ ଏହାର ପରିସର ଗୋରୁଗାଈଙ୍କ ଚରାଭୂଇଁ ଓ ଅସାମାଜିକଙ୍କ ଆଡ୍ଡାରେ ପରିଣତ ହୋଇଥିବା ଦେଖିବାକୁ ମିଳୁଛି । ଜିଲା ସଦର ମହକୁମାରେ ଅନେକ କାର୍ଯ୍ୟାଳୟ ଭଡ଼ାସୂତ୍ରରେ ଚାଲୁଥିବା ବେଳେ ଏହି ସରକାରୀ ଜମି ଉପରେ ରିଜର୍ଭ ପୋଲିସ କ୍ୱାର୍ଟର୍ସ, ଶିଶୁ ସୁରକ୍ଷା କାର୍ଯ୍ୟାଳୟ ଭଳି ଯେକୌଣସି ସରକାରୀ କାର୍ଯ୍ୟାଳୟ କରାଯାଇ ଏହି ମୂଲ୍ୟବାନ ସମ୍ପତ୍ତିର ରକ୍ଷଣାବେକ୍ଷଣ କରିବାକୁ ସାଧାରଣରେ ଦାବି ହେଉଛି । ଏ ସମ୍ପର୍କରେ ଜିଲା ଜଳସମ୍ପଦ ଅଧିକାରୀ ଇଂ.ଉମେଶ ଚନ୍ଦ୍ର ସେଠୀ କହିଛନ୍ତି ଯେ, ଜିଲା ପ୍ରଶାସନ ପକ୍ଷରୁ କ୍ରୀଡ଼ା ବିଭାଗକୁ ଏହି ସ୍ଥାନ ପ୍ରଦାନ ପାଇଁ ନିର୍ଦ୍ଦେଶ ଆସିବା ପରେ ଏହାର ଉନ୍ନତିକରଣ ବିଭାଗ ପକ୍ଷରୁ ହୋଇନାହିଁ।

# ୩୦ ହଜାର ଟଙ୍କା ନ ଦେଲେ କ୍ଷେତ ପୋଖରୀର ବିଲ୍ ହେଉନି

**ନୟାଗଡ/ନୂଆଗାଁ,୧୦।୬ (ଲୋକନାଥ ମିଶ୍ର/ଧନେଶ୍ୱର ସାହୁ)**


କାର୍ଯ୍ୟାଳୟ ଆଗରେ ଦୁଇ ଅଭିଯୋଗକାରୀ।


ଜଳ ବିଭାଜିକା କାର୍ଯ୍ୟାଳୟ କାନ୍ଥରୁ ମୋ ସରକାର ବୋର୍ଡକୁ ହଟାଯାଉଛି।

■ ନୂଆଗାଁର ୨ ଚାଷୀ ଖୋଲିଲେ ପିସିର ଗୁମର

■ ଅଭିଯୋଗ ପରେ ତଦନ୍ତ ନିର୍ଦ୍ଦେଶ ଦେଲେ ଜଳବିଭାଜିକା ପିଡି

ସରକାର ପିସି କାରବାରକୁ ନା କହୁଥିବାବେଳେ ନୟାଗଡ଼ ଜିଲା ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗରେ ଗୋଟିଏ କ୍ଷେତ ପୋଖରୀ ପାଇଁ ୩୦ ହଜାର ନ ଦେଲେ ବିଲ୍ ନ ହେବା ଘଟଣା ସ୍ୱଚ୍ଛତାକୁ ପଦାରେ ପକାଇଛି। କ୍ଷେତ ପୋଖରୀର ବିଲ୍ ପାଇଁ ଦୁଇ ଚାଷୀ ୩୦ ହଜାର ଟଙ୍କା ପିସିର ଗୁମର ଖୋଲିଛନ୍ତି। ଏହି ଘଟଣା ପରେ ନୟାଗଡ଼ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ(ପିଡି) ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଚାଷୀ ଓ ଚାଷର ଉନ୍ନତି ପାଇଁ ଜଳର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଚାଷୀ ଓ ଚାଷର ସୁବିଧା କରିବା ପାଇଁ ସରକାର ଚାଷୀମାନଙ୍କ ନିମନ୍ତେ ଏମ୍‌ଜିଏନ୍‌ଆର୍‌ଜିଏସ୍ ଯୋଜନାରେ ମାଗଣାରେ କ୍ଷେତ ପୋଖରୀ ଖୋଳିବାର ବ୍ୟବସ୍ଥା କରିଛନ୍ତି। ଏହି ଯୋଜନାରେ ଚାଷୀ ମାଗଣାରେ ପୋଖରୀ ଖୋଳିବା ସହ ଲୋକମାନେ କାମ ପାଇ ପାରିବେ। କ୍ଷେତ ପୋଖରୀ ଖୋଳିବା ପାଇଁ ସରକାର ୧ ଲକ୍ଷ ୯୯ ହଜାର ଟଙ୍କା ଅନୁଦାନ ଯୋଗାଇ ଦେଉଛନ୍ତି। ପୋଖରୀ ଖୋଳିବା ପରେ ଏହି ଅନୁଦାନକୁ ବିଲ କରିବା ପାଇଁ ଜଳ ବିଭାଜିକା ଅଧିକାରୀ ଗୋଟିଏ ପୋଖରୀ ପାଇଁ ୩୦ ହଜାର ଟଙ୍କା ଦାବି କରୁଛନ୍ତି। ନ ହେଲେ ବିଲ କରାଯିବ ନାହିଁ ନାହିଁ ବୋଲି ରୋକ୍‌ଠୋକ୍ ଭାବେ ମନା କରିଦେଉଛନ୍ତି। ପୋଖରୀ କରାଯିବା ପରେ ଲାଞ୍ଚ ନ ଦେବାରୁ ନୂଆଗାଁର ଦୁଇ ଚାଷୀ ବାରମ୍ବାର ଅଫିସକୁ ଦୌଡି ଦୌଡି ହଇରାଣ ହୋଇଥିଲେ। ଶେଷରେ ମାଇଛେଳି ପଞ୍ଚାୟତ ମସ୍କାବାରୀ ଗ୍ରାମର ରାଜ କିଶୋର ପ୍ରଧାନ ଓ ସୁଦର୍ଶନ ନାଏକ ନାମକ ଦୁଇ ଚାଷୀ ସୋମବାର ଜଳ ବିଭାଜିକା ପିଡିଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସଂପୃକ୍ତ ଚାଷୀ ଦ୍ୱୟ ୬ ମାସ ତଳୁ କ୍ଷେତ ପୋଖରୀ ଖୋଳିଛନ୍ତି। ଏହାର ବିଲ କରିବା ପାଇଁ କ୍ଷେତ ପୋଖରୀ ଖୋଳାକୁ ତଦାରଖ କରୁଥିବା ଜଳ ବିଭାଜିକା କର୍ମଚାରୀ ଦୁଃଶାସନ ନାୟକଙ୍କୁ କହିବାରେ ୩୦ ହଜାର ନ ଦେଲେ ବିଲ୍ ହୋଇ ପାରିବନି ବୋଲି ମନା କରୁଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ତେବେ ୩୦ ହଜାର ମୁଁ କହୁନି ଅଫିସ ଖର୍ଚ୍ଚ ପାଇଁ ଷ୍ଟାଫ୍ ନେବେ ବୋଲି ନାୟକ କହିଥିବା ଅଭିଯୋଗକାରୀ ଦର୍ଶାଇଛନ୍ତି । ପ୍ରତି କ୍ଷେତ ପୋଖରୀ ହିତାଧିକାରୀଙ୍କଠାରୁ ୩୦ ହଜାର ଟଙ୍କା ନିଆଯାଉଥିବା ଅଭିଯୋଗ ହେଉଛି। ଅଭିଯୋଗ ବାବଦରେ ନୟାଗଡ଼ ଜିଲା ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଉପେନ୍ଦ୍ର କୁମାର ପରିଡ଼ାଙ୍କୁ ପଚାରିବାରୁ ସେ କହିଛନ୍ତି, ଦୁଇ ଚାଷୀଙ୍କର ଅଭିଯୋଗ ମିଳିଛି। ଅଭିଯୋଗ ପରେ ଘଟଣାର ସତ୍ୟାସତ୍ୟ ପାଇଁ ତଦନ୍ତ କରାଯିବ ବୋଲି କହିଛନ୍ତି।

# ବିଦ୍ୟୁତ୍ କାର୍ଯ୍ୟାଳୟ ସାମ୍ନାରେ ମହିଳାଙ୍କ ଧାରଣା


ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ମହିଳାମାନେ।

**ନୂଆଗାଁ,୧୦।୬(ଧନେଶ୍ୱର ସାହୁ)**

## ୫ ଦିନ ହେଲା ବିଦ୍ୟୁତ୍ ନାହିଁ, ଅନ୍ଧାରରେ ୨ଗାଁ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଜାକେଡା ପଞ୍ଚାୟତର କୁଟିବାରି ଓ ଅଠରଗଣ୍ଡା ଗ୍ରାମରେ ବିଦ୍ୟୁତ୍ ଯୋଗାଣ ନ ଥିବାରୁ ୫ ଦିନ ହେଲା ଅନ୍ଧାର ହୋଇ ରହିଛି। ଏ ନେଇ କୁଟିବାରୀ ଗ୍ରାମର ମହିଳାମାନେ ସୋମବାର ନୂଆଗାଁ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରାଯିବା ପରେ ଗାଁକୁ ଯିବୁ ବୋଲି ମହିଳାମାନେ ଦାବି କରିଥିଲେ।

ସୂଚନା ଅନୁଯାୟୀ, ନୂଆଗାଁ ବ୍ଲକ ଜାକେଡା ପଞ୍ଚାୟତର କୁଟିବାରୀ ଓ ଅଠରଗଣ୍ଡା ୨ ଆଦିବାସୀ ଗ୍ରାମ। ଅଧିକାଂଶ ସମୟରେ ଏହି ୨ ଗ୍ରାମକୁ ବିଦ୍ୟୁତ୍ ବିଭାଗ ଅଣଦେଖା କରି ଆସୁଛି। ଦିନେ ବିଦ୍ୟୁତ୍ ସଂଯୋଗ ରହିଲେ ୧୦ ଦିନ ଅନ୍ଧାରରେ ରହିବାକୁ ପଡୁଛି। ଗତ ୫ ଦିନ ହେଲା ବିଦ୍ୟୁତ୍ ନ ଥିବା ଗ୍ରାମବାସୀ ଅଭିଯୋଗ କରି ଆସୁଥିଲେ ମଧ୍ୟ କେହି ଶୁଣୁ ନାହାନ୍ତି। ଅସହ୍ୟ ଗୁଳୁଗୁଳି ଯୋଗୁ ବିନା ଫ୍ୟାନରେ ରହିବା ସମ୍ଭବ ହେଉନି। ଲାଇନ ନ ଥିଲେ ପିଲାଙ୍କ ପାଠପଢା ବନ୍ଦ ହେଉଛି। ଗୋଟିଏ ପଟେ କିରୋସିନି ଯୋଗାଣ ବନ୍ଦ କରି ଦିଆଯାଇଛି। ଅନ୍ୟପଟେ ବିଦ୍ୟୁତ୍ ଯୋଗାଣ ହେଉନାହିଁ। ଫଳରେ ସନ୍ଧ୍ୟା ହେଲେ ଅନ୍ଧାରରେ କିଛି କରିବା ସମ୍ଭବ ହେଉନି। ତେଣୁ ବିଦ୍ୟୁତ୍ ବ୍ୟବସ୍ଥା ଠିକ୍ ନ ହେବା ଯାଏ ଆମେ ଗାଁକୁ ନ ଯାଇ ଏହି ଅଫିସ ଆଗରେ ବସି ରହିବୁ ବୋଲି କୁଟିବାରୀ ଗ୍ରାମର ରମା ଜାନୀ, ମନ୍ଦୋଦରୀ ଜାନୀ, ଲବଣୀ ପ୍ରଧାନ, ସାରିଆ ବାଘ, ବନିତା ଜାନୀ, ବିଦ୍ୟୁଲତା ମହାନ୍ତି ପ୍ରମୁଖ ମହିଳାମାନେ କହିଛନ୍ତି। ଅଭିଯୋଗ ବାବଦରେ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଶ୍ରୀନିବାସ ରାଓଙ୍କୁ ପଚାରିବାରେ ବର୍ଷା ଯୋଗୁଁ ବିଦ୍ୟୁତ୍ ସମସ୍ୟା ହୋଇଥିଲା। ଆମକୁ ସବୁ ଗାଁ ସମସ୍ୟା ଦେଖିବାକୁ ପଡୁଛି। ତେଣୁ ଧୀରେ ଧୀରେ ବିଦ୍ୟୁତ୍ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ପାଇଁ ଚେଷ୍ଟା କରୁଛୁ। କୁଟିବାରୀ ଗ୍ରାମରେ ବିଦ୍ୟୁତ୍ ସମସ୍ୟାର ତୁରନ୍ତ ସମାଧାନ ହେବ ବୋଲି ସେ କହିଛନ୍ତି।

# ଶାଶୁଙ୍କୁ ଗଳାକାଟି ହତ୍ୟା

**ନୟାଗଡ଼/ରଣପୁର,୧୦।୬(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)**

## ସାନ ଜ୍ୱାଇଁ ଗିରଫ, ୨ ଅଟକ

ନୟାଗଡ଼ ଜିଲା ରଣପୁର ଥାନା ସୁନାଖଳା ଫାଣ୍ଡି କାସନ୍ଦା ପଞ୍ଚାୟତର କୋଟଣୀଶିଳା ଗାଁରେ ନମିତା ଦେଉରା(୫୧)ନାମ୍ନୀ ଜଣେ ମହିଳାଙ୍କୁ ରବିବାର ରାତିରେ ଗଳାକାଟି ହତ୍ୟା କରାଯାଇଛି। ହତ୍ୟା ଅଭିଯୋଗରେ ପୋଲିସ ନମିତାଙ୍କ ସାନ ଜ୍ୱାଇଁ କୋଟଣୀଶିଳା ଗାଁର ଶରତ ସ୍ୱାଇଁ(୩୫)ଙ୍କୁ ଗିରଫ କରିଛି। ଅନ୍ୟପକ୍ଷେ ଏହି ହତ୍ୟା ଘଟଣାରେ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ମାଣିକାଗୋଡା ଗାଁର ସଂଖ୍ୟାଲଘୁ ସମ୍ପ୍ରଦାୟର ୨ଜଣ ଯୁବକଙ୍କୁ ବି ପୋଲିସ ଅଟକ ରଖି ପଚରାଉଚୁରା କରୁଛି।

ଅଭିଯୋଗ ଅନୁଯାୟୀ, ମୃତ ନମିତାଙ୍କ ସ୍ୱାମୀ ଶରତ ନୂଆପଡ଼ା ସିଆରପିରେ ଚାକିରୀ କରନ୍ତି। ସେଥିପାଇଁ ସେ ନୂଆପଡ଼ାରେ ରହୁଛନ୍ତି। ନମିତାଙ୍କର ପୁଅ ଭୁବନେଶ୍ୱରରେ ରହୁଥିବାବେଳେ ୨ ଝିଅଙ୍କୁ ବିବାହ କରି ସାରିଛନ୍ତି। ସାନ ଝିଅ ସେହି ଗାଁର ଶରତ ସ୍ୱାଇଁଙ୍କୁ ବିବାହ ହୋଇଥିଲା। ନମିତା ଘରେ ଏକୁଟିଆ ରହୁଥିଲେ। ହେଲେ ସାନ ଝିଅ ଶାଶୁ ଘରୁ ଗତ ୫ ଦିନ ତଳେ ନିଖୋଜ ହୋଇ ଯାଇଛନ୍ତି। ଝିଅ ନିଖୋଜ ପଛରେ ଶାଶୁଙ୍କ ହାତ ରହିଥିବା ଜ୍ୱାଇଁ ଶରତ ସନ୍ଦେହ କରିଥିଲେ। ରବିବାର ରାତିରେ ଶରତ ଶାଶୁଘରକୁ ଆସି ପାଟିତୁଣ୍ଡ କରିଥିଲେ। ଏପରିକି ରାଗରେ ଶାଶୁଙ୍କୁ ଗଳାକାଟି ହତ୍ୟା କରି ଚତୁରତାର ସହ ଘରକୁ ଚାଲି ଯାଇଥିଲେ। ସୋମବାର ଶ୍ୱଶୁରଙ୍କୁ ଫୋନ କରି ସ୍ତ୍ରୀ କୁଆଡେ ଚାଲି ଯାଇଥିବା କହିଥିଲେ। ଶ୍ୱଶୁରଙ୍କ ପରାମର୍ଶ ଦେଇଥିଲେ ଝିଅ ନିଖୋଜ ନେଇ ସୁନାଖଳା ଫାଣ୍ଡିରେ ଅଭିଯୋଗ କର। ସେହିପରି ଘରୁ ଅଚଳ ଥିବା କୁଲରକୁ ନେଇ ସୁନାଖଳାରେ ମରାମତି କରି ଆଣିବାକୁ କହିଥିଲେ। ଜ୍ୱାଇଁ ସୋମବାର ସକାଳ ସାଢ଼େ ୮ଟାରେ ଶ୍ୱଶୁର ଘରକୁ ଯାଇ ଶାଶୁ ମରି ପଡିଥିବା ଦେଖିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ଶ୍ୱଶୁରଙ୍କୁ ସେ ଅବଗତ କରାଇଥିଲେ। ଶ୍ୱଶୁରଙ୍କ ପରାମର୍ଶ ଅନୁସାରେ ଶାଶୁଙ୍କ ଫଟୋ ଉଠାଇ ପଠାଇଥିଲେ। ପରେ ଶ୍ୱଶୁର ସ୍ତ୍ରୀଙ୍କ ମୃତ୍ୟୁ ନେଇ ରଣପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ରଣପୁର ଥାନା ପୋଲିସ ଓ ଶରଣକୁଳ ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଅନ୍ୟପକ୍ଷେ ଏ ନେଇ ଏକ ହତ୍ୟା ମାମଲା(ନଂ.୨୧୩/୨୪) ରୁଜୁ କରି ମାଣିକାଗୋଡା ଗାଁର ସଂଖ୍ୟାଲଘୁ ସମ୍ପ୍ରଦାୟର ୨ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ତଦନ୍ତ ବେଳେ ଜ୍ୱାଇଁ ହତ୍ୟା କରିଥିବା ସ୍ୱୀକାର କରିବା ପରେ ପୋଲିସ ତାଙ୍କୁ ଗିରଫ କରି ତଦନ୍ତ କରୁଛି।


ପୋଲିସ ମୃତ ମହିଳାଙ୍କ ଘରକୁ ସିଲ୍ କରି ତଦନ୍ତ ଚଳାଇଛି।

# ୧୨ ଶମ୍ଭୁ,୩୫୬ ଶୈବପୀଠରେ ଶିବ ବିବାହ

**ନୟାଗଡ଼,୧୦।୬(ଲୋକନାଥ ମିଶ୍ର)**

ଶିବ ବିବାହ ପାଇଁ ନୟାଗଡ଼ ଜିଲାର ୧୨ ଶମ୍ଭୁ ବଡପଣ୍ଡୁସରର ଉଗ୍ରେଶ୍ୱର, ନଛିପୁରର ଧବଳେଶ୍ୱର, ଚନ୍ଦ୍ରଶେଖରପୁରର ନୀଳକଣ୍ଠେଶ୍ୱର, ଗୁଞ୍ଜୁବାରଣର କପିଳେଶ୍ୱର, ବାହାଡାଝୋଲାର ଫୁଲେଶ୍ୱର, ଯଦୁପୁରର ସିଙ୍ଘେଶ୍ୱର, ରାବେରାର ମଧୁକେଶ୍ୱର, କଲ୍ୟାଣପୁରର ମୁକ୍ତେଶ୍ୱର, ଯାମୁପାଟଣାର ଦୂତୀକେଶ୍ୱର, ମାଳିସାହିର ଗତେଶ୍ୱର, ଗୋବିନ୍ଦପୁରର ସୋମନାଥଦେବ ଓ ଶରଣକୂଳର ଲଡୁବାବାଙ୍କ ପୀଠ ସମେତ ୩୫୬ ଶୈବ ପୀଠ ଉତ୍ସବ ମୁଖରିତ ହୋଇ ଉଠିଛି। ସେହିପର ନୟାଗଡ଼ ସହରର ରାମେଶ୍ୱର, ବିଶ୍ୱନାଥ ଓ ସ୍ୱପ୍ନେଶ୍ୱରଙ୍କ ସମେତ ଜିଲାର ସବୁ ଶିବ ମନ୍ଦିରରେ ଶିବ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅପରପକ୍ଷେ ଓଡ଼ଗାଁ ବ୍ଲକର ବିନାୟକପୁର ଗାଁରେ ନୀଳକଣ୍ଠେଶ୍ୱର ଦେବ ଜୟଦୁର୍ଗାଙ୍କୁ ବିବାହ କରିଛନ୍ତି। ପରେ ଦୁଆରୀ ଭୋଗ ଖାଇ ଠାକୁର ଠାକୁରାଣୀ ମନ୍ଦିରକୁ ବିଜେ କରିଥିଲେ। ଶିବ ବିବାହ ସମୟରେ ଗାଁ ଦୁଇ ଭାଗରେ ବିଭକ୍ତ ହୋଇଯାଏ। ଗୋଟିଏ ପକ୍ଷ ଶିବଙ୍କ ପକ୍ଷରେ ଓ ଅନ୍ୟପକ୍ଷ ମା ପାର୍ବତୀଙ୍କ ସହ ରୁହନ୍ତି। ପ୍ରଭୁ ନୀଳକଣ୍ଠେଶ୍ୱର ମନ୍ଦିର ପରିକ୍ରମା କରି ସାରିବା ପରେ ଶୋଭାଯାତ୍ରାରେ ବୃଷଭ ପିଠିରେ ବସି ବୁଲି ପଶ୍ଚିମ ପଟ ମଣ୍ଡପ ଦିଗକୁ ଯାଇଥାନ୍ତି। ମଣ୍ଡପର କିଛି ବାଟରେ ବରପକ୍ଷର ଶୋଭାଯାତ୍ରାକୁ ଅଟକାଇ କନ୍ୟା ପକ୍ଷ ଆସିବାର ପ୍ରଶ୍ନ କରନ୍ତି। ବର ଓ କନ୍ୟା ପକ୍ଷଙ୍କ ମଧ୍ୟରେ ବଚନିକା ମାଧ୍ୟମରେ ଶାସ୍ତ୍ର ଉପସ୍ଥାପନ କରାଯାଇ ତର୍କ କରାଯାଏ।

# ଦୂତିକେଶ୍ୱରଙ୍କ ପୀଠରେ ଦେବ ଦମ୍ପତିଙ୍କ ବିବାହ

**ଓଡ଼ଗାଁ,୧୦।୬ (ଆଦର୍ଶ କୁମାର ପଟ୍ଟନାୟକ)**

ନୟାଗଡ଼ ଜିଲା ଓଡ଼ଗାଁ ନିକଟସ୍ଥ ଜାମୁପାଟଣା ଶୁଳିଆ ପାହାଡ଼ ପାଦଦେଶରେ ଥିବା ପଶ୍ଚିମାଭିମୁଖୀ ପ୍ରଭୁ ଶ୍ରୀ ଦୂତିକେଶ୍ୱର ମହାଦେବଙ୍କ ପୀଠରେ ସୋମବାର ବୈଦିକ ରୀତିରେ ଶିବ ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ତିଥିରେ ଦେବଦମ୍ପତିଙ୍କ ବିବାହ ପାଇଁ ଚଳିତ ବର୍ଷ ଅବସରପ୍ରାପ୍ତ ଶିକ୍ଷକ ତ୍ରିନାଥ ମିଶ୍ର କନ୍ୟା ପିତା ଓ ପନ୍ତିଖାରୀ ଶାସନର ବିଭୂତି ରଞ୍ଜନ ଷଡ଼ଙ୍ଗୀ ବର ପିତା ଦାୟିତ୍ୱ ତୁଲାଇଥିଲେ। ମନ୍ଦିର ପୁରୋହିତ ରବିନାରାୟଣ କରଙ୍କ ଦ୍ୱାରା ବୈଦିକ ମନ୍ତ୍ର ଉଚ୍ଚାରଣ ପୂର୍ବକ ପ୍ରଥମ ବରଣ, ଦ୍ୱିତୀୟ ବରଣ, ଅଧିବାସ, ଲବଣୀ ଚଉରୀ, କନିଷ୍ଠବେଦୀ, ଷଡାର୍ଘ୍ୟ, ହସ୍ତଗଣ୍ଠି ଆଦି କର୍ମ ସମ୍ପାଦିତ ହୋଇଥିଲା। ପରେ ଦେବ ଦମ୍ପତି ମନ୍ଦିର ପରିକ୍ରମା ସାରି ସ୍ୱମନ୍ଦିରସ୍ଥ ପ୍ରବେଶ କରିଥିଲେ। ମନ୍ଦିର ପରିଚାଳନା ସଦସ୍ୟ ଓ ପାଲିଆସେବାସୀ ପ୍ରଭୁଙ୍କ ସମସ୍ତ ନୀତିକର୍ମରେ ସହଯୋଗ କରିଥିଲେ। ସାଧାରଣତଃ ସମସ୍ତ ଶୈବପୀଠରେ ରାତିବେଳା ଶିବ ବିବାହ ଉତ୍ସବ ଅନୁଷ୍ଠିତ ହେଉଥିବା ବେଳେ ପୂର୍ବକାଳରେ ଘଞ୍ଚ ଜଙ୍ଗଲ ପରିପୂର୍ଣ୍ଣ ଏହି ସ୍ଥାନରେ ରାତି ସମୟରେ ହିଂସ୍ର ବଣ୍ୟଜନ୍ତୁମାନଙ୍କ ଯାତାୟତ ବହୁଳ ମାତ୍ରାରେ ହେଉଥିଲା। ରାତି ପୂର୍ବରୁ ସମସ୍ତ ପୂଜାବିଧି ସାରି ସେବାସୀ ଓ ଶ୍ରଦ୍ଧାଳୁମାନେ ଚାଲିଯାଉଥିଲେ। କାଳକ୍ରମେ ସେହି ପରମ୍ପରା ପ୍ରଭୁଙ୍କ ନିର୍ଦ୍ଦେଶ ବୋଲି ଭାବି ଆଜି ପର୍ଯ୍ୟନ୍ତ ଦିନବେଳା ଏହି ଉତ୍ସବ ପାଳିତ ହୋଇଆସୁଥିବା ଜନମୁଖରୁ ଶୁଣିବାକୁ ମିଳେ। ସେହିପରି ସ୍ଥାନୀୟ ଅଞ୍ଚଳର ପନ୍ତିଖାରୀ, ମଶାବାରୀ, କୈବଲ୍ୟପୁର ରଙ୍ଗଣୀପାଟଣା, ଓଡ଼ଗାଁ, କୁରାଳ ରାବରା, ଗୋଠବଣ, ସର୍ବୋପରି ଶରଣକୁଳ ଠାରେ ବିଜେ ଲଡୁବାବା ଏବଂ ସମସ୍ତ ଶୈବପୀଠରେ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।



ଶିବ ବିବାହ ଉତ୍ସବରେ ଯୋଗ ଦେଇଥିବା ଶ୍ରଦ୍ଧାଳୁ।

# ଶିବ ବିବାହ ପାଇଁ ମର୍ଦ୍ଦରାଜପୁର ଚଳଚଞ୍ଚଳ

**ଖଣ୍ଡପଡ଼ା,୧୦।୬ (ଅଜୟ କୁମାର ମହାରଣା)**

ଶିବ ବିବାହ ପାଇଁ ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି, ମର୍ଦ୍ଦରାଜପୁର, ବୋଦଶା ଚଳଚଞ୍ଚଳ ହୋଇ ଉଠିଛି। ମର୍ଦ୍ଦରାଜପୁରରେ ଏହି ଯାତ୍ରା ପାଇଁ ସ୍ୱତନ୍ତ୍ରତା ରହିଛି। ଗ୍ରାମର ଆରାଧ୍ୟ ଠାକୁର ମୁକ୍ତିକ୍ଷେତ୍ର ମୁଣ୍ଡିଆ ହନୁମାନଙ୍କ ପ୍ରାଙ୍ଗଣରେ ପ୍ରଭୁ ଶିବ ଏବଂ ମା' ପାର୍ବତୀଙ୍କ ମଧ୍ୟରେ ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ତିଥିରେ ବିବାହ ଅତ୍ୟନ୍ତ ଆକର୍ଷଣୀୟ ହୋଇଛି। ଏହି ଉତ୍ସବରେ ବରପକ୍ଷ ଓ କନ୍ୟାପକ୍ଷଙ୍କ ଦ୍ୱାରା ନିରାଡମ୍ବର ଭାବେ ବିବାହ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପୁରୋହିତ ବାଞ୍ଛାନିଧି ମିଶ୍ର ଓ ସରୋଜ ନନ୍ଦ ବିବାହ କର୍ମ ସଂପାଦନା କରିଥିବା ବେଳେ କନ୍ୟା ପିତା ଭାବେ ବିପିନ କୁମାର ରାଉତ ଏବଂ ବର ପିତା କାହ୍ନୁ ଚରଣ ବେହେରା ବିବାହ କାର୍ଯ୍ୟ ପରିଚାଳନା କରିଥିଲେ। ପୂଜକ ଆଜ୍ଞାମାଳ ଆଣି ଉଭୟଙ୍କୁ ଆମନ୍ତ୍ରଣ କରି ସନ୍ଧ୍ୟା ୬ଟାରେ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ସେହିପରି ଖଣ୍ଡପଡ଼ା ସହରାଞ୍ଚଳରେ ପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱର ଦେବ, ଶ୍ରୀ ଲୋକନାଥ ଦେବ, ଶ୍ରୀ ବାଲୁଙ୍କେଶ୍ୱର ଦେବ ଓ ଶ୍ରୀ ସୁବର୍ଣ୍ଣେଶ୍ୱର ଦେବ ଏବଂ ଖଳିସାହିସ୍ଥିତ ନୀଳକଣ୍ଠେଶ୍ୱର ଦେବ, ବୋଦଶାର ବାଲୁଙ୍କେଶ୍ୱର ମହାଦେବଙ୍କ ବିବାହ କାର୍ଯ୍ୟ ପାରମ୍ପରିକ ରୀତିରେ ଶେଷ ହୋଇଛି। ମଙ୍ଗଳବାର ଶ୍ରୀଜୀଉ ବରଯାତ୍ରୀଙ୍କ ସହ ଗ୍ରାମ ପରିକ୍ରମା କରିବେ। ଏହାପରେ ଠାକୁର ମନ୍ଦିର ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି।


ଶିବ ବିବାହ ଉତ୍ସବରେ ଉପସ୍ଥିତ କନ୍ୟାପିତା ଓ ବରପିତା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଆଦିତ୍ୟ


@ ଅନିଲ


@ ପଞ୍ଚାନନ


@ ଶ୍ରୀଧର


@ ଦୀପକ


@ ସୋମନାଥ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କଳାପଥର ଲୁଟେରାଙ୍କ ମଧ୍ୟରେ ଛନକା

**ଯାଜପୁର,୧୦।୬(ହର୍ଷବର୍ଦ୍ଧନ ବେହେରା)**

ନିର୍ବାଚନ ଫଳାଫଳ ଘୋଷଣା ପରେ ଯାଜପୁର ଜିଲାର ଏକାଧିକ କଳାପଥର ଖାଦାନ ବନ୍ଦ ହୋଇଯାଇଛି। ବିଶେଷକରି କଳାପଥର ଖାଦାନରୁ ହେଉଥିବା ବେଆଇନ ଉତ୍ତୋଳନ ଓ ଏଥିରେ ସମ୍ପୃକ୍ତ ବ୍ୟକ୍ତିବିଶେଷ ଏବଂ ଲଘୁ ଖଣିଜ ଦ୍ରବ୍ୟ ଲୁଟେରାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନବନିର୍ବାଚିତ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ(ଲିକୁ) ଚେତାବନୀ ଦେଇଛନ୍ତି। ଫଳରେ ଲୁଟେରାଙ୍କ ମଧ୍ୟରେ ଛନକା ପଶିଛି। ହିମାଂଶୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ି ବିଜୟୀ ହୋଇଥିଲେ ହେଁ ସେ ନିକଟରେ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟରେ ସରକାର ଗଢ଼ିଲେ ଖଣିଜ ସମ୍ପଦ ଲୁଟେରାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିର୍ବାଚନୀ ଘୋଷଣାପତ୍ର ଉଲ୍ଲେଖ କରିଥିଲା। ନିର୍ବାଚନରେ ବହୁମତ ପାଇଥିବା ଭାଜପା ରାଜ୍ୟରେ ଆସନ୍ତା ୧୨ ତାରିଖରେ ସରକାର ଗଢ଼ିବ। ଏହାପରେ କାର୍ଯ୍ୟାନୁଷ୍ଠାନ ଆଶା କରାଯାଉଛି।

ଧର୍ମଶାଳା ତହସିଲ ଅଧୀନ ଡଙ୍କାରୀ, ରାହାଡ଼ପୁର, ଲୁଣିବର, ବାରମାଣ, ବରଡ଼ା, ବାଜବାଟି, ଆରୁହା ଓ ବିଛାଖଣ୍ଡି ପାହାଡ଼ରେ ବିପୁଳ ମୂଲ୍ୟବାନ କଳାପଥର ଗଚ୍ଛିତ ରହିଛି। ପ୍ରାୟ ୩ ଦଶନ୍ଧି ହେବ ଏହିସବୁ ପାହାଡ଼ରୁ କଳାପଥର ଲୁଟ୍ ଅଣାୟତ୍ତ ହୋଇଛି। ଏଥିପାଇଁ ଅଞ୍ଚଳବାସୀ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଓ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଆସୁଛନ୍ତି। ଡଙ୍କାରୀ ପାହାଡ଼ରେ କଳାପଥର ଲୁଟ୍ ମାମଲାକୁ ନେଇ ୪।୧।୨୦୧୯ରେ ଏନ୍‌ଜିଟି ପକ୍ଷରୁ ପରିବେଶଗତ କ୍ଷତି ପାଇଁ ୨୫ କୋଟି ଟଙ୍କାର ଜରିମାନା ଆଦାୟ ନିର୍ଦ୍ଦେଶ ଦେଇଥିଲେ। ସେଥିରେ ରାଜ୍ୟ ସରକାରଙ୍କ ତତ୍କାଳୀନ ଅଧିକାରୀମାନେ ବେଆଇନ ଉତ୍ତୋଳନକୁ ପ୍ରୋତ୍ସାହିତ କରିଛନ୍ତି ବୋଲି ଦର୍ଶାଇଥିଲେ। ଏଥିପାଇଁ ରାଜ୍ୟ ସରକାର ସମ୍ପୃକ୍ତ ଅଧିକାରୀମାନଙ୍କଠାରୁ କିମ୍ବା ବେଆଇନ ଖାଦାନ ବ୍ୟବସାୟୀଙ୍କଠାରୁ ଉପରୋକ୍ତ ଅର୍ଥ ଆଦାୟ କରିବାକୁ ଏନ୍‌ଜିଟି ରାୟରେ ଦର୍ଶାଯାଇଥିଲା। ଏହାପରେ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ଅଧିକାରୀମାନେ କଳେବଳେ କୌଶଳେ ମୁକୁଳି ଯାଇଛନ୍ତି। ହେଲେ ଲୁଟ୍‌ର ତରିକା ବଦଳିଛି। ଜିଲାର ୯୦ଟି କଳାପଥର ଖାଦାନ ମଧ୍ୟରୁ ୨୫ଖାଦାନକୁ ଲିଜ୍ ଦିଆଯାଇଛି। ତେଣୁ ଲିଜ୍ ଦିଆଯାଇ ନ ଥିବା ଖାଦାନଗୁଡ଼ିକରୁ ପ୍ରାୟ ୨ ବର୍ଷ ହେବ କଳାପଥର ଲୁଟ ଜାରି ରହିଛି। ଜରିମାନା ଭୟରେ ନିଜ ଲିଜ୍ ଅଞ୍ଚଳରୁ କଳାପଥର ଉତ୍ତୋଳନ ନ କରି ଅଣଲିଜ୍ ଖାଦାନରୁ ବିପୁଳ ଟଙ୍କାର କଳାପଥର ଚୋରି ହେଉଛି। ଡଙ୍କାରୀ ପାହାଡ଼ର ୧୭ନମ୍ବର, ୧/୪ ନମ୍ବର ଓ ୩/୯ ନମ୍ବର ଲିଜ୍‌ଧାରୀମାନେ ଏଭଳି ଲୁଟ୍ କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗ କରାଯାଇଛି। ଏପରି କି ଡଙ୍କାରୀ ପାହାଡ଼ର ୧୮ ନମ୍ବର ଖାଦାନକୁ ଲକ୍ଷ୍ମୀ ଏକ୍ସପୋର୍ଟ ସହ ଚୁକ୍ତି ହୋଇଥିଲେ ହେଁ ତାହାକୁ କଳାପଥର ଉତ୍ତୋଳନ କରିବାକୁ ଦିଆଯାଉ ନାହିଁ। ସେଠାରୁ ଜବରଦସ୍ତ ଉପରୋକ୍ତ ଲିଜ୍‌ଧାରୀମାନେ କଳାପଥର ଚୋରି କରୁଛନ୍ତି ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଥିଲା। ଏନେଇ ୮ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହାଇକୋର୍ଟ ୧୧।୧୨।୨୦୨୩ରେ ନିର୍ଦ୍ଦେଶ ଦେଇଥିଲେ ହେଁ ତାହା ଏଯାଏ କାର୍ଯ୍ୟକାରୀ ହୋଇ ପାରିନାହିଁ। ଅନୁମତିଠାରୁ ଢେର ଗୁଣ ଅଧିକ କଳାପଥର ଉତ୍ତୋଳନ ଅଭିଯୋଗ ସାଟେଲାଇଟ୍ ମାପଚୁପରେ ପ୍ରମାଣିତ ହୋଇସାରିଛି। ଏପରି କି ବିଭିନ୍ନ ପର୍ଯ୍ୟାୟରେ ଅଧିକ ଲୁଟ କରିଥିବା ୨୨ ଜଣ ଲିଜ୍‌ଧାରୀଙ୍କୁ ୩୨୦ କୋଟି ଟଙ୍କା ଜରିମାନା ନିର୍ଦ୍ଦେଶ ହୋଇଛି। ଏହାପରେ ସମ୍ପୃକ୍ତ ଲିଜ୍‌ଧାରୀମାନେ କୋର୍ଟକଚେରିର ଦ୍ୱାରସ୍ଥ ହୋଇଛନ୍ତି। ଅନ୍ୟପକ୍ଷେ ଲଘୁ ଖଣିଜ ଦ୍ରବ୍ୟ ସଂଶୋଧନ ଆଇନର ଉଲ୍ଲଂଘନ ଅନୁଯାୟୀ ପରିବେଶଗତ ଅନୁମତି(ଇସି) ପ୍ରତ୍ୟାହାର ନ କରି କେବଳ କାରଣ ଦର୍ଶାଅ ନୋଟିସ ଓ ଜରିମାନାରେ ପଦକ୍ଷେପ ସୀମିତ ରହିଥିଲା। ତେଣୁ ଧର୍ମଶାଳା ତହସିଲ ଅଞ୍ଚଳର ଗ୍ରାମବାସୀ ଷ୍ଟେଟ୍ ଏନଭାଇରନ୍‌ମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି (ଏସ୍‌ଇଆଇଏଏ) ବା 'ସିଆ'ର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ସିଆଇ ସଦସ୍ୟ ସଚିବ ଉପରୋକ୍ତ ଅଭିଯୋଗ ଉପରେ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଜପୁର ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ତାହା ବି କେବଳ ପତ୍ରରେ ସୀମିତ ରହିଥିଲା। ଏପରିକି ଜରିମାନା ନୋଟିସ ହୋଇଥିବା ଲିଜ୍‌ଧାରୀଙ୍କ ଇସି ପ୍ରତ୍ୟାହାର କରିବାକୁ ଜିଲା ପ୍ରଶାସନ ସିଆକୁ ପତ୍ର ଲେଖି ନ ଥିଲା। ଏହାର ସୁଯୋଗରେ ଲିଜ୍‌ଧାରୀମାନେ ରାତିରେ ଗଭୀର ଗାତ ଖୋଳି ବ୍ଲାଷ୍ଟିଂ ଜରିଆରେ ବହୁ ହଜାର ଟନ୍ କଳାପଥର ଉତ୍ତୋଳନ କରୁଥିଲେ। ଏଥିରେ ଅନେକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିବାରୁ ପ୍ରଶାସନ ହାତବାନ୍ଧି ବସିଥିଲା। ଏହିକ୍ରମରେ ଅନେକ ହଜାର କୋଟି ଟଙ୍କାର କଳାପଥର ଚୋରି କରିଥିବା ଲୁଟ୍‌କାରୀଙ୍କ ବିରୋଧରେ ନବନିର୍ବାଚିତ ବିଧାୟକଙ୍କ କାର୍ଯ୍ୟାନୁଷ୍ଠାନ ଦୃଢ଼ୋକ୍ତି କେତେଦୂର କାର୍ଯ୍ୟକାରୀ ହେଉଛି, ତାହା ସମୟ ହିଁ କହିବ ବୋଲି ମତପ୍ରକାଶ ପାଇଛି।


ଡଙ୍କାରୀ ଖାଦାନରୁ ପଥର ଲୁଟ୍ ହେଉଛି।

# ଗୋକର୍ଣ୍ଣେଶ୍ୱର ମନ୍ଦିରରେ ଶିବ ପାର୍ବତୀଙ୍କ ବିବାହ

**ଧର୍ମଶାଳା,୧୦।୬(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଭାଲୁଖାଇ ନିକଟ ପ୍ରସିଦ୍ଧ ଶୈବପୀଠ ବାବା ଗୋକୋର୍ଣ୍ଣେଶ୍ୱର ମନ୍ଦିରଠାରେ ସୋମବାର ଶୀତଳ ଷଷ୍ଠୀରେ ଶିବପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟକର୍ତ୍ତା ଲୁଲେନ୍ଦୁ ବେହେରାଙ୍କ ଅକାଳ ବିୟୋଗରେ ଚଳିତ ଥର ନିରାଡମ୍ବର ଭାବରେ ପୂଜାର୍ଚ୍ଚନା ଓ ନିତିକ୍ରାନ୍ତି କରାଯାଇଛି। ମନ୍ଦିର ପରିସରରେ ଥିବା ଶିବପାର୍ବତୀଙ୍କୁ ନୂତନ ବସ୍ତ୍ର ପରିଧାନ କରାଯାଇଥିଲା। ଶିଶିର କୁମାର ସ୍ୱାଇଁ ଓ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ପୂଜକ ସୋମନାଥ ପାଢ଼ୀ ରୁଦ୍ରାଭିଷେକ କରିଥିଲେ। ମନ୍ଦିର ଟ୍ରଷ୍ଟ ପକ୍ଷରୁ ଟ୍ରଷ୍ଟି ବେଣୁଧର ନାୟକ, ଯୁଧିଷ୍ଠିର ସ୍ୱାଇଁ, ଶ୍ୟାମସୁନ୍ଦର ରାୟ, ପ୍ରଫୁଲ୍ଲ ରାୟ, ଉଲ୍ଲାସ ସାମଲ, ଗୁଣନିଧି ସ୍ୱାଇଁ, ବାବୁଲି ସାମଲ, ଦୁଃଶାସନ ସ୍ୱାଇଁ ଓ ବିଜୟ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବହୁ ସଦସ୍ୟ ଓ ଭକ୍ତ ଯୋଗଦେଇ ବିବାହ ଉତ୍ସବ ଦେଖିବା ସହିତ ଆଶିଷ ଲାଭ କରିଥିଲେ।


ଶୀତଳ ଷଷ୍ଠୀରେ ଶିବପାର୍ବତୀଙ୍କ ବିବାହରେ ପୂଜାର୍ଚ୍ଚନା କରାଯାଉଛି।

# ହୋଟେଲ କର୍ମଚାରୀଙ୍କ ମୃତଦେହ ଜବତ

**ଯାଜପୁରରୋଡ୍,୧୦।୬ (ପବିତ୍ର ରଞ୍ଜନ ମହାନ୍ତି):**

ଯାଜପୁରରୋଡ୍‌ର ଏକ ହୋଟେଲରୁ ଜଣେ କର୍ମଚାରୀଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ଆନନ୍ଦପୁର ଥାନା ଅଞ୍ଚଳର କାର୍ତ୍ତିକ ମହାନ୍ତିଙ୍କ ପୁଅ ଶିବନାରାୟଣ ମହାନ୍ତି(୨୪)। ଯାଜପୁରରୋଡ୍ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁରକାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

ଶିବନାରାୟଣ ଯାଜପୁରରୋଡ୍‌ର ତାରିଣୀ ନାମକ ଏକ ହୋଟେଲରେ ସପ୍ଲାୟାର ଭାବେ ଦୀର୍ଘ ଦିନ ହେବ କାର୍ଯ୍ୟ କରିଆସୁଥିଲେ। ସୋମବାର ପୂର୍ବାହ୍ନରେ ଶୌଚ ହେବାକୁ ଗାଧୁଆଘରକୁ ଯାଇଥିବା ସମୟରେ ଗୋଡ଼ ଖସିଯିବାରୁ ପଡ଼ିଯାଇଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟି ଯାଇଥିଲା। ତାଙ୍କୁ ସଙ୍ଗେସଙ୍ଗେ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିବା ହୋଟେଲ କର୍ମଚାରୀମାନେ କହିଛନ୍ତି। ଏନେଇ ପୋଲିସ ଏକ ମାମଲା ନଂ.୨୩।୨୪ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଟ୍ରକ-ଟ୍ୟାଙ୍କର ମୁହାଁମୁହିଁ ଧକ୍କା: ଜଣେ ମୃତ, ଜଣେ ଗୁରୁତର

**ବାଲେଶ୍ୱର, ୧୦।୬(ମାନସ ବିଶ୍ୱାଳ)**

ବାଲେଶ୍ୱର ସଦର ଥାନା ଅନ୍ତର୍ଗତ କୁରୁଡ଼ା ନିକଟ ଜାତୀୟ ରାଜପଥରେ ଟ୍ରକ ଏବଂ ଟ୍ୟାଙ୍କର ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ଟ୍ୟାଙ୍କର ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଟ୍ରକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ସଦର ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

# 'ନନ୍ଦିନୀ ଦେବୀ ଦରଦୀ ମଣିଷ ଥିଲେ'

## ରାଜନଗରରେ ଜିଲାସ୍ତରୀୟ ଆଲୋଚନାଚକ୍ର

**ପଟ୍ଟାମୁଣ୍ଡାଇ,୧୦।୬(କଳ୍ପତରୁ ନାୟକ)**

ବିଶିଷ୍ଟ ନାରୀନେତ୍ରୀ, ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ, ସାରସ୍ୱତ ସାଧିକା ନନ୍ଦିନୀ ଶତପଥୀଙ୍କ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ରହିଥିଲା। ଜଣେ ମୁଖ୍ୟମନ୍ତ୍ରୀ ଭାବେ ସେ ଅନେକ କଠୋର ନିଷ୍ପତ୍ତି ନେଇ ତାକୁ କାର୍ଯ୍ୟକାରୀ କରାଇ ଥିଲେ ବୋଲି ନନ୍ଦିନୀ ଶତପଥୀଙ୍କ ୯୩ତମ ଜୟନ୍ତୀ ପାଳନ ଅବସରରେ ସୋମବାର ଅପରାହ୍ନରେ କେନ୍ଦ୍ରାପଡ଼ା ଜିଲା ରାଜନଗର ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ନନ୍ଦିନୀ ଦେବୀ ସ୍ମୃତି ସମାରୋହ କମିଟି ଓ ପ୍ରେସ୍ ପରିବାର ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ଆଲୋଚନାଚକ୍ରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି ।

ବରିଷ୍ଠ ଖବରଦାତା ଭାସ୍କର ରାଉତରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଭାଗ ନେଇ ମୁଖ୍ୟଅତିଥି ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର ନନ୍ଦିନୀଙ୍କ ସ୍ମୃତିଚାରଣ କରି କହିଥିଲେ, ଲୌହମାନବୀ ଭାବେ ପରିଚିତ ନନ୍ଦିନୀ ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ଥିଲେ। ୭୦ ଦଶକରେ ଯେତେବେଳେ ଲୁଣା ନଦୀର ବନ୍ୟାରେ ରାଜନଗର-ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଲୋକମାନେ ନିଜର ସର୍ବସ୍ୱ ହରାଇଥିଲେ ସେତେବେଳେ ନନ୍ଦିନୀ ବିପନ୍ନ ମଣିଷମାନଙ୍କୁ ସହାୟତାର ହାତ ବଢ଼ାଇ ଚିରକାଳ ସ୍ମରଣୀୟ ହୋଇ ରହିଛନ୍ତି । ପଦ୍ମଭୂଷଣ ସାହିତ୍ୟିକ କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ରତ୍ନମଣି ଦେବୀଙ୍କ କନ୍ୟା ନନ୍ଦିନୀ ଓଡ଼ିଶାରେ ସାମ୍ୟବାଦୀ ଆନ୍ଦୋଳନର ପ୍ରବର୍ତ୍ତକ ଭଗବତୀ ପାଣିଗ୍ରାହୀଙ୍କ ଝିଆରୀ ଥିଲେ । ତାଙ୍କ ସାମ୍ୟବାଦୀ ଚିନ୍ତାଧାରା ଦ୍ୱାରା ନନ୍ଦିନୀ ପ୍ରଭାବିତ ହୋଇଥିଲେ। ଛାତ୍ରୀ ଜୀବନରୁ ସେ ବେଶ୍ ସ୍ୱାଭିମାନୀ ଥିଲେ । ୧୧ବର୍ଷ ବୟସରେ ୧୯୪୨ରେ 'ଭାରତଛାଡ଼' ଆନ୍ଦୋଳନରେ ଯୋଗଦାନ କରିଥିଲେ। ୧୯୫୧ରେ ଦରମା ବୃଦ୍ଧି ବିରୋଧରେ ବିଶାଳ ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଇ ସେ ପୋଲିସ ଲାଠିମାଡ଼ର ଶିକାର ହୋଇ ଜେଲବରଣ କରିଥିଲେ। ମହିଳା ବନ୍ୟା ରିଲିଫ୍ ସଂଘର ସମ୍ପାଦିକା ଭାବେ ୧୯୫୫ରେ ନିଯୁକ୍ତି ପାଇଥିଲେ। ପରବର୍ତ୍ତୀ ସମୟରେ ଜଣେ ସ୍ୱନାମଧନ୍ୟ ଲେଖିକା ଭାବେ ପରିଚିତ ହୋଇ ୧୯୫୭ ସାମୟିକ 'ଧରିତ୍ରୀ' ପତ୍ରିକା ପ୍ରକାଶକ ଥିଲେ। ରାଜନୀତି ଓ ସାହିତ୍ୟ ପ୍ରତି ନିଜକୁ ଉତ୍ସର୍ଗୀକୃତ କରି ଓଡ଼ିଆ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ, କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ସାହିତ୍ୟ ଭାରତୀ ସମ୍ମାନରେ ସେ ସମ୍ମାନିତ ହୋଇଥିଲେ। ବିଜୁବାବୁଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳ ୧୯୬୨ରେ କଂଗ୍ରେସରୁ ରାଜ୍ୟ ସଭାକୁ ନିର୍ବାଚିତ ହୋଇ ୧୯୬୬-୬୮ରେ ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରିମଣ୍ଡଳରେ ତଥ୍ୟ ଓ ବେତାର ବିଭାଗର ଉପମନ୍ତ୍ରୀ ଥିଲେ। ୧୯୬୮ ଓ ୧୯୭୧ ରେ ଭାରତର ସାଂସ୍କୃତିକ ପ୍ରତିନିଧି ଦଳର ନେତୃତ୍ୱ ନେଇ ସୋଭିଏତ୍ ଗସ୍ତ କରି ଭାରତ-ସୋଭିଏତ୍ ବନ୍ଧୁତ୍ୱର ଭିତ୍ତି ସ୍ଥାପନ କରିଥିଲେ। ୧୯୭୨ କଟକରୁ ବିଧାୟିକା ଭାବେ ୫ମ ବିଧାନସଭାକୁ ନିର୍ବାଚିତ ହୋଇ ଜୁନ୍ ୧୪ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। କଟକରେ 'ଆକାଶବାଣୀ ଭବନ' ନିର୍ମାଣ, ୧୯୭୩ରେ କେନ୍ଦୁପତ୍ର ଜାତୀୟକରଣ ନିଷ୍ପତ୍ତି ଓ ଯୌତୁକ ନିରୋଧ ଆଇନ ଏବଂ ଓଡ଼ିଶା ଭାଗଚାଷୀ ଆଇନ ପ୍ରଣୟନ ୧୯୭୪ ମସିହାରେ କରିଥିଲେ । ୧୯୮୯ ରାଜ୍ୟ ଯୋଜନା ବୋର୍ଡ ଅଧ୍ୟକ୍ଷ ପଦ ପାଇଥିଲେ। ୨୦୦୬ ଅଗଷ୍ଟ ୪ରେ ଇହଲୀଳା ସମ୍ବରଣ କରିଥିଲେ ବୋଲି କହିଥିଲେ।

ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଫେସର ସତ୍ୟବାଦୀ ଜେନା ଯୋଗଦେଇ କହିଥିଲେ ନନ୍ଦିନୀ ଏକାଧାରରେ ଜଣେ ବିପ୍ଳବିନୀ , ସଂଗ୍ରାମୀ, ସୁସାହିତ୍ୟିକା ଏବଂ ଭୂସଂସ୍କାରର ନେତ୍ରୀ ଥିଲେ। ସମ୍ମାନିତ ବକ୍ତାଭାବେ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିକ୍ରମାଦିତ୍ୟ ଦାସ ନନ୍ଦିନୀ ଦେବୀଙ୍କୁ ଜଣେ ଦରଦୀ ମଣିଷ ଭାବେ ବର୍ଣ୍ଣନା କରିଥିଲେ । ଗରିବ, ଭୂମିହୀନ, ଆଦିବାସୀଙ୍କ ବିକାଶକୁ ସେ ସର୍ବଦା ପ୍ରାଥମିକତା ଦେଉଥିଲେ। ଓଡ଼ିଶାର ବିଭିନ୍ନ ସ୍ଥାନରେ ଶିଳ୍ପ ବିକାଶର ସେ ମୁଖ୍ୟ ସୂତ୍ରଧର ଥିଲେ। ଭଲ ମୁଖ୍ୟମନ୍ତ୍ରୀ ଭାବେ ସେ ସର୍ବଦା ମନେ ରହିବେ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ କୃପାସିନ୍ଧୁ ସାମଲ, ନାଗାନାରାୟଣ ଉଚ୍ଚ ମାଧ୍ୟମିକ ସ୍କୁଲର ଅଧ୍ୟକ୍ଷ ମାନସ ମିଶ୍ର, କବି ପବିତ୍ର ବ୍ରହ୍ମପୁତ୍ର ନାୟକ, ସ୍ତମ୍ଭକାର ନିରଞ୍ଜନ ଶତପଥୀ, ସିଆରସିସି ମଧୁସୂଦନ ସାହୁ, ଶିକ୍ଷାବିତ୍ ରଙ୍ଗାଧର ଜେନା ଓ ଖବରଦାତା ଜଗନ୍ନାଥ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଖବରଦାତା ଦୋଳ ଗୋବିନ୍ଦ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଖବରଦାତା ବ୍ରଜ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସୁନାମଧନ୍ୟ ଚିତ୍ରଶିଳ୍ପୀ ଶଶୀକାନ୍ତ ଦାସ ନିଜ କାନ୍‌ଭାସରେ ନନ୍ଦିନୀ ଦେବୀଙ୍କ ଫଟୋଚିତ୍ର ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନେ ନନ୍ଦିନୀ ଦେବୀଙ୍କ ତୈଳଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଏହି ଅବସରରେ ବହୁ ଗଣ୍ୟମାନ୍ୟ ବ୍ୟକ୍ତି, ଜନସାଧାରଣ ନନ୍ଦିନୀ ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।


ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ ନନ୍ଦିନୀ ଦେବୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରୁଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଆଦିତ୍ୟ


@ ଅନିଲ


@ ପଞ୍ଚାନନ


@ ଶ୍ରୀଧର


@ ଦୀପକ


@ ସୋମନାଥ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକ ଗିରଫ

**ପାଣିକୋଇଲି,୧୦।୬(ବିକାଶ ମଲ୍ଲିକ):**

ପାଣିକୋଇଲି ପୋଲିସ ଦୁର୍ଘଟଣା ଘଟାଇଥିବା ଜଣେ ଟ୍ରକ୍ ଚାଳକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ବିହାର ରାଜ୍ୟ ନାଳନ୍ଦା ଜିଲା ଅଂଗାରୀ ଥାନା ଅନ୍ତର୍ଗତ ଓପେ ଗ୍ରାମର ସନ୍ତୋଷ ଯାଦବ(୩୬)। ଗତ ୬ ତାରିଖରେ ସମ୍ପୃକ୍ତ ଟ୍ରକ ଡ୍ରାଇଭର ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ପେଟ୍ରୋଲ ପମ୍ପ ଡାଇଭରସନ ନିକଟରେ ଜଣେ ଲୁନା ଆରୋହୀଙ୍କୁ ଧକ୍କା ଦେଇଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ପୋଲିସ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା। ମୃତ ବ୍ୟକ୍ତି ଜଣଙ୍କ ଶଙ୍ଖଚିଲା ଅଞ୍ଚଳର ପ୍ରଫୁଲ୍ଲ ନାୟକ ବୋଲି ଜଣାପଡିଥିଲା। ପରେ ପୋଲିସ ଲୁନା ଓ ଟ୍ରକ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଥିଲା।


ସନ୍ତୋଷ ଯାଦବ।

